**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**22 May – 2024**

---

# ମତଦାନ ହାର ଦ୍ୱିତୀୟ ପର୍ଯ୍ୟାୟ

ରାଜ୍ୟରେ ଗତ ସୋମବାର ଦିନ ଅନୁଷ୍ଠିତ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୭୩ପ୍ରତିଶତ ମତଦାନ ହୋଇଥିବା ନେଇ ଭାରତର ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରୁ ଜଣାପଡିଛି । ଚଳିତମାସ ୨୦ତାରିଖରେ ହୋଇଥିବା ୫ଟି ଲୋକସଭା ଏବଂ ୩୫ଟି ବିଧାନସଭା ଆସନ ଗୁଡିକ ମଧ୍ୟରୁ ଲୋକସଭା ପାଇଁ ବରଗଡ ଆସନରେ ଅଣାଅଶୀ ଦଶମିକ ୭/୮ ପ୍ରତିଶତ ମତଦାନ ହାର ଥିଲା । ସେହିଭଳି ଆସିକା ଲୋକସଭା ଆସନରେ ସବୁଠୁ କମ୍ ୬୨ଦଶମିକ ୬/୭ ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି । ଅନ୍ୟପକ୍ଷରେ ବିଧାନସଭା ଆସନଗୁଡିକ ମଧ୍ୟରୁ ବରଗଡ ଜିଲ୍ଲା ଭଟିଲ୍ ବିଧାନସଭା ଆସନରେ ସର୍ବାଧିକ ୮୪ଦଶମିକ ୧/୧ ପ୍ରତିଶତ ମତଦାନ ହାର ଥିବାବେଳେ ଆସିକା ବିଧାନସଭା ଆସନରେ ସବୁଠୁ କମ୍ ଅଣଷଠୀ ପ୍ରତିଶତ ମତଦାନ ହୋଇଥିଲା ।

# ପୁନଃ ମତଦାନ-କଣ୍ଠାମାଳ

କନ୍ଧମାଳ ଲୋକସଭା ଆସନ ଅନ୍ତର୍ଗତ କଣ୍ଠାମାଳ ବିଧାନସଭାର ଦୁଇଟି ବୁଥରେ ଆସନ୍ତାକାଲି ପୁନଃ ମତଦାନ ହେବ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । କଣ୍ଠାମାଳର ୨୬ନମ୍ବର ବୁଥ ଏବଂ ୨୮ନମ୍ବର ବୁଥରେ ଆସନ୍ତାକାଲି ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହେବ ।

# ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟର ତୃତୀୟ ପର୍ଯ୍ୟାୟ ଭୋଟ୍‌ଗ୍ରହଣ ଆସନ୍ତା ୨୫ ତାରିଖ ଶନିବାର ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ଖୋର୍ଦ୍ଧା, ନୟାଗଡ଼, କଟକ, ପୁରୀ, ଢେଙ୍କାନାଳ, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର ଓ ଦେବଗଡ଼ ଆଦି ୧୦ଟି ଜିଲ୍ଲାର ୬ଟି ଲୋକସଭା ଆସନ ଏବଂ ଏହା ଅଧୀନ ୪୨ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ହେବ। ଏହି ପର୍ଯ୍ୟାୟ ମତଦାନ ନିମନ୍ତେ ଆସନ୍ତାକାଲି ସନ୍ଧ୍ୟାରେ ନିର୍ବାଚନ ପ୍ରଚାର ଶେଷ ହେଉଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିର୍ବାଚନ ପ୍ରଚାର ପାଇଁ ଷ୍ଟାର ପ୍ରଚାରକମାନେ ପ୍ରଚାର କରୁଛନ୍ତି । ବିଜେପି ପକ୍ଷରୁ ଅରୁଣ ଗୋଭିଲ ଆଜି କେନ୍ଦୁଝର ଜିଲ୍ଲାର ଚମ୍ପୁଆ, ତେଲକୋଇ, ଭୁବନେଶ୍ୱର ଏବଂ ଢେଙ୍କାନାଳଠାରେ ନିର୍ବାଚନୀ ସଭାରେ ଭାଗ ନେବେ । ସେହିପରି ଆସନ୍ତାକାଲି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ

ବିଶ୍ୱଶର୍ମା ରାଜ୍ୟର ବିଭିନ୍ନ ସ୍ଥାନରେ ବିଜେପି ପ୍ରାର୍ଥୀମାନଙ୍କ ସପକ୍ଷରେ କରିବେ ବୋଲି ଜଣାପଡିଛି ।

## ହାଇକୋର୍ଟ-ଗ୍ରୀଷ୍ମ ଅବକାଶ

ଓଡ଼ିଶା ହାଇକୋର୍ଟର ଗ୍ରୀଷ୍ମକାଳୀନ ଛୁଟି ଆଜିଠାରୁ ଆରମ୍ଭ ହୋଇ ଜୁନ୍ ମାସ ୧୭ ତାରିଖ ପର୍ଯ୍ୟନ୍ତ ରହିବ । ଗ୍ରୀଷ୍ମ ଅବକାଶ ସମୟରେ ଚଳିତମାସ ୨୩, ୨୮, ୩୦ ତାରିଖ ଏବଂ ଜୁନ୍ ମାସ ୪, ୬, ୧୧ ଏବଂ ୧୨ ତାରିଖରେ ଅବକାଶକାଳୀନ ଖଣ୍ଡପୀଠ ବସିବ ବୋଲି ହାଇକୋର୍ଟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି । ଜରୁରୀ ମାମଲା ଗୁଡ଼ିକର ଶୁଣାଣି ପାଇଁ ଅବକାଶକାଳୀନ ଖଣ୍ଡପୀଠଙ୍କ ନିକଟରେ ମାମଲା ତାଲିକାଭୁକ୍ତ କରାଯାଇ ପାରିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

# ଭିଏଲ ଡବ୍ଲ୍ୟୁ

ପଞ୍ଚାୟତ ସେକ୍ରେଟାରୀରୁ ଗ୍ରାମ ସେବକ ପଦୋନ୍ନତି ପାଇଥିବା ଭି.ଏଲ୍.ଡବ୍ଲୁଙ୍କୁ ସର୍ବନିମ୍ନ ପେନ୍‌ସନ୍ ଦେବା ପାଇଁ ଓଡିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତିକ୍ରମେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛି । ପୂର୍ବରୁ ସୁପ୍ରିମକୋର୍ଟ ଦେଇଥିବା ରାୟ ଆଧାରରେ ସରକାର ଭି.ଏଲ୍ ଡବ୍ଲୁ ମାନଙ୍କୁ ପେନ୍‌ସନ ଦେବା ପାଇଁ ପଦକ୍ଷେପ ନେବାକୁ ହାଇକୋର୍ଟ କହିଛନ୍ତି । ଆବେଦନକାରୀଙ୍କୁ ୧୦ଦିନ ମଧ୍ୟରେ ସରକାର ପେନସନ୍ ଦେବା ନେଇ ଆବଶ୍ୟକ ପଦକ୍ଷେପ ନେବେ ବୋଲି କୋର୍ଟ ତାଙ୍କ ରାୟରେ କହିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର

ବିଜୁ ଜନତା ଦଳର ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଅପରାହ୍ନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପୁରୀଠାରେ ପ୍ରଚାର କରିବେ ବୋଲି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି । ସେହିଭଳି ଅଖିଳ ଭାରତୀୟ କଂଗ୍ରେସ କମିଟି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଏବଂ ସାଧାରଣ ସଂପାଦିକା ପ୍ରିୟଙ୍କା ଗାନ୍ଧୀ ଚଳିତମାସ ଶେଷ ଆଡକୁ ଓଡ଼ିଶା ଗସ୍ତରେ ଆସି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ପାରାଦ୍ୱୀପ, ମୟୂରଭଞ୍ଜ ଜିଲ୍ଲା ଆଦି ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଛନ୍ତି ।

## ହାତୀଗଣନା

ରାଜ୍ୟରେ ଆଜିଠାରୁ ହାତୀ ଗଣନା ଆରମ୍ଭ ହେଉଛି । ଜଙ୍ଗଲ ବିଭାଗର ସୂଚନା ଅନୁସାରେ ୫୧ଟି ଡିଭିଜନରୁ ୪୬ଟି ଡିଭିଜନରେ ହାତୀ ଅଛନ୍ତି । ୫ଟି ଜିଲ୍ଲା ମାଲକାନଗିରି, କୋରାପୁଟ, ପୁରୀ, କେନ୍ଦ୍ରାପଡା ଏବଂ ଜଗତସିଂହପୁରରେ ହାତୀଙ୍କ ଚଳପ୍ରଚଳ ନ ଥିବା ବନବିଭାଗ ତରଫରୁ ସୂଚନା ମିଳିଛି । ହାତୀ ଗଣନା ପାଇଁ ୪୬ଟି ଡିଭିଜନର ଜଙ୍ଗଲରେ ୧ହଜାର ୧୩୬ଟି ମଞ୍ଚା ପ୍ରସ୍ତୁତ କରାଯାଇଛି । ଆଜିଠାରୁ ତିନିଦିନ ଧରି ହାତୀଗଣନା ଚାଲିବ । ହାତୀଗଣନା ପାଇଁ ଡ୍ରୋନ ବ୍ୟବହାର ହେବ ।

ସୂଚନାଯୋଗ୍ୟ ୨୦୧୭ ମସିହାରେ ରାଜ୍ୟରେ ହୋଇଥିବା ହାତୀ ଗଣନାରେ ୧ହଜାର ୯୭୬ ହାତୀ ଥିବା କୁହାଯାଇଥିଲା ।

## ଶୂନ୍ୟଛାୟା

ଭୁବନେଶ୍ୱର ଏବଂ କଟକ ସମେତ ରାଜ୍ୟର କେତେକ ସ୍ଥାନରେ ଶୂନ୍ୟଛାୟା ଦେଖାଯିବା ଆରମ୍ଭ ହୋଇଛି । ପଠାଣିସାମନ୍ତ ପ୍ଲାନେଟୋରିୟମ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତକାଲି ଭୁବନେଶ୍ୱରରେ ଶୂନ୍ୟଛାୟା ଦୃଶ୍ୟମାନ ହୋଇଥିଲା । କଟକରେ ଆଜି ପୂର୍ବାହ୍ନ ୧୧ଟା ୪୩ ମିନିଟ୍‌ରେ ଶୂନ୍ୟଛାୟା ଦେଖାଯିବ ବୋଲି ଅନୁମାନ କରାଯାଇଛି । ବଲାଙ୍ଗୀରରେ ଆସନ୍ତାକାଲି ଶୂନ୍ୟ ଛାୟା ଦୃଶ୍ୟମାନ ହେବ ବୋଲି କୁହାଯାଇଛି ।

ସୂର୍ଯ୍ୟ ଦିଗ୍‌ବଳୟର ଯେତେ ନିକଟରେ ଥାଏ ଛାଇ ସେତେ ଅଧିକ ହୋଇଥାଏ ଏବଂ ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିଲେ ଛାଇଟି ଖୁବ୍ ଛୋଟ ହୋଇଯାଏ କିନ୍ତୁ ଛାଇ ପୁରାପୁରି ଭାବେ ଉଭେଇ ଯାଏ ନାହିଁ । ହେଲେ ଶୂନ୍ୟଛାୟାରେ ଛାୟା ବିଲ୍‌କୁଲ ଦେଖାଯାଏ ନାହିଁ ।